# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 December – 2025

*******************************

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାରୁ ଯୋଗାଯୋଗ ଉପଗ୍ରହ ବ୍ଲୁ ବାର୍ଡ ବ୍ଲକ-ଟୁ'ର ସଫଳ ଉତ୍କ୍ଷେପଣ
- ଆସନ୍ତା ଶନିବାର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ସମ୍ବନ୍ଧୀୟ ଉଚ୍ଚସ୍ତରୀୟ କମିଟିର ହେବ ବୈଠକ
- ଯାନବାହନର ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ୍ କରାଇବା ଅବଧିକୁ ଏକ ମାସ ବୃଦ୍ଧି କଲେ ରାଜ୍ୟ ସରକାର
- ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆଜିଠାରୁ ଆରମ୍ଭ

– ମହୋତ୍ସବକୁ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ମିଳିଛି; ଶୁଭେଚ୍ଛାରେ କହିଲେ ରାଷ୍ଟ୍ରପତି

ଏବଂ

- **‘ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ’**ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ଉପଭୋକ୍ତା ଦିବସ

Desk

## ଇସ୍ରୋ- ଗ୍ଲୋବାଲ୍ ବ୍ଲକ୍ ଟୁ

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ପକ୍ଷରୁ ଆଜି ଭାରତୀୟ ସମୟ ସକାଳ ୮ଟା ୫୫ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ସତୀଶଧାବନ ମହାକାଶ କେନ୍ଦ୍ରରୁ ଯୋଗାଯୋଗ ଉପଗ୍ରହ ବ୍ଲୁ ବାର୍ଡ ବ୍ଲକ୍-ଟୁ ର ସଫଳ ଉତ୍କ୍ଷେପଣ କରାଯାଇଛି । ଉତ୍କ୍ଷେପଣର ୧୫ ମିନିଟ୍ ପରେ ମହାକାଶ ଯାନରେ ବ୍ଲୁ ବାର୍ଡ ବ୍ଲାକ୍-ଟୁ ଅଲଗା ହେବା ସହିତ ସଫଳତାର ସହ ଏହାର କକ୍ଷପଥରେ ସ୍ଥାପିତ ହୋଇଛି ।

ଏହି ଉପଗ୍ରହ ସ୍ମାର୍ଟ୍‌ଫୋନ୍ ଗୁଡ଼ିକରେ ଫୋର୍-ଜି ଏବଂ ଫାଇଭ୍-ଜି ସେବାକୁ ଅଧିକ ସଶକ୍ତ କରିବାରେ ଏହି ଉପଗ୍ରହ ଉପଯୋଗୀ ସାବ୍ୟସ୍ତ ହେବ । ମହାକାଶ ଆଧାରିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶ୍ୱ ଡିଜିଟାଲ୍ କ୍ଷେତ୍ରକୁ ଏହି ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା ଅଧିକ ବ୍ୟାପକ କରିବ ବୋଲି ଜଣାପଡ଼ିଛି ।

ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋକୁ ଅଭିନନ୍ଦନ ଜଣାଇ କହିଛନ୍ତି, ଦେଶର ମହାକାଶ କାର୍ଯ୍ୟକ୍ରମ ଯୁବବର୍ଗଙ୍କ ସମର୍ଥନ ଦ୍ୱାରା ଅଧିକ ଉନ୍ନତ ଓ ପ୍ରଭାବଶାଳୀ ହୋଇପାରିଛି ।

Puri

## ଶ୍ରୀମନ୍ଦିର- ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ସମ୍ବନ୍ଧୀୟ ଉଚ୍ଚସ୍ତରୀୟ କମିଟିର ବୈଠକ ଆସନ୍ତା ଶନିବାର ଦିନ ଅପରାହ୍ନରେ ଅନୁଷ୍ଠିତ ହେବ। ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀଗୁଡ଼ିକର ତାଲିକା ପ୍ରସ୍ତୁତିକରଣ ସମ୍ପର୍କିତ ମାର୍ଗଦର୍ଶିକା ଉପରେ ଆଲୋଚନା କରାଯିବ। ଏ ସମ୍ପର୍କରେ ଜଷ୍ଟିସ୍ ରଥ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ପରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ରାଜ୍ୟ ସରକାରଙ୍କ ଅନୁମୋଦନ ପ୍ରାପ୍ତ ହେବା ପରେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ସୂଚନା ଦେଇଛନ୍ତି।

BBSR/R

## ପ୍ରଦୂଷଣ ସାର୍ଟିଫିକେଟ୍

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଯାନବାହନର ବୈଧ କାଗଜପତ୍ର କରାଇବା ଅବଧିକୁ ଏକ ମାସ ବୃଦ୍ଧି କରାଯାଇଛି। ପୂର୍ବରୁ ଆସନ୍ତା

ଜାନୁଆରୀ ମାସ ପହିଲାରୁ ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ମୋଟରଯାନର ପ୍ରଦୂଷଣ ସାର୍ଟିଫିକେଟ୍ ଯାଞ୍ଚ ନେଇ ଜନସାଧାରଣଙ୍କ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରି ଏହି ପଦକ୍ଷେପ ନିଆଯାଇଛି। ଏହି ନିଷ୍ପତ୍ତି ଲାଗୁ ହେବା ପରେ 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ଦିଆଯିବ ନାହିଁ' ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

**- V/O -**

ବର୍ଦ୍ଧିତ ସମୟ ମଧ୍ୟରେ ଗାଡ଼ିର ଆର୍.ସି., ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ, ବୀମା ଆଦି କରାଇବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

Desk

## ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

'ସଶକ୍ତ ଭବିଷ୍ୟତ ନିର୍ମାଣ ପାଇଁ ସଶକ୍ତ ଅଙ୍ଗନବାଡ଼ି'ର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା' ଆଭାସୀ ମାଧ୍ୟମରେ ୪୯୧ଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଆବଶ୍ୟକୀୟ ଭିତ୍ତିଭୂମି ସହ ସ୍ୱଚ୍ଛତା, ପାନୀୟ ଜଳର ସୁବିଧା, ଶୌଚାଳୟ, ପିଲାଙ୍କ ପାଇଁ ଖେଳିବା

ସ୍ଥାନ, ବିଦ୍ୟୁତ୍ ସଂଯୋଗୀକରଣ ଏବଂ ପୋଷଣଯୁକ୍ତ ବଗିଚାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ହାଇକୋର୍ଟ ଛୁଟି

ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଆସନ୍ତାକାଲିଠାରୁ ଶୀତକାଳୀନ ଛୁଟି ଘୋଷଣା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମାସ ୫ ତାରିଖ ସୋମବାର ଦିନଠାରୁ କୋର୍ଟ ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟ ଆରମ୍ଭ କରିବ। ମଙ୍ଗଳବାର ଦିନ ଜଷ୍ଟିସ ସାବିତ୍ରୀ ରଥ ଏବଂ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଏକ ଛୁଟିଦିନ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ। କୋର୍ଟଙ୍କର ପ୍ରଶାସନିକ କାର୍ଯ୍ୟାଳୟ ଆସନ୍ତା ଶୁକ୍ରବାରରୁ ବୁଧବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଜରୁରୀକାଳୀନ ମାମଲା ପାଇଁ ଆଇନଜୀବୀମାନେ ନ୍ୟାୟିକ କାର୍ଯ୍ୟାଳୟରେ ମେମୁ ଦାଖଲ କରିପାରିବେ।

Desk

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆଜିଠାରୁ ଆରମ୍ଭ ହେଉଛି। ସହରର ହାଟପଦା ପଡିଆରେ ରାଜ ଦରବାର ଓ ନିଶାମଣି ସ୍କୁଲ ପଡିଆରେ ରଙ୍ଗମହଲ ତିଆରି ହୋଇଛି।  ଗୋପପୁର କାର୍ଯ୍ୟକ୍ରମ ଲାଗି ଆମ୍ବାପାଲିଠାରେ ପ୍ରସ୍ତୁତି ଶେଷ ହୋଇଛି। ୭୮ତମ ଧନୁଯାତ୍ରା ଆଜିଠାରୁ

୧୧ ଦିନ ଧରି   ଚାଲିବ। ଏ ନେଇ ବରଗଡ଼ ସହର ଉତ୍ସବମୁଖର ହୋଇଉଠିଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା

ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ବାର୍ତ୍ତାବହ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା। ଏହା କେବଳ ଏକ ମହୋତ୍ସବରେ ସୀମିତ ନ ରହି ଆମ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ। ସମସ୍ତ କଳାକାରଙ୍କ ନିଖୁଣ ଅଭିନୟ ଓ କଂସ ମହାରାଜାଙ୍କ ଆଦେଶରୁ ଆରମ୍ଭ କରି ଏହି ଯାତ୍ରା ଆୟୋଜନ ଅତ୍ୟନ୍ତ ଉଚ୍ଚକୋଟୀର। ଯାତ୍ରା ସମୟରେ ମହାରାଜା କଂସ ଦୋଷ ନିମନ୍ତେ ଲୋକଙ୍କୁ ଦଣ୍ଡ ବିଧାନ ମଧ୍ୟ କରିଥାନ୍ତି। ୮ କିଲୋମିଟର ପରିଧି ମଧ୍ୟରେ ତିନୋଟି ଦରବାର ଓ ୧୮ଟି ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା ଅଭିନୀତ ହେବ। ସମସ୍ତେ ଫେରିଯିବେ ଦ୍ୱାପର ଯୁଗକୁ। ମହାରାଜ କଂସଙ୍କ ପାଇଁ ରାଜ ଦରବାର, ରାଜମୁକୁଟ, ହସ୍ତି ଓ ମନ୍ତ୍ରି ପରିଷଦ ପ୍ରସ୍ତୁତ ଅଛନ୍ତି। ଏ ନେଇ ଆଜି ବରଗଡ଼ ଗାନ୍ଧିଛକଠାରୁ ଶୋଭାଯାତ୍ରା ବାହାରି ସମଲେଶ୍ୱରୀ ମନ୍ଦିରକୁ ଯିବ । ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ହାଟପଦା ରାଜଦରବାରରେ ପହଞ୍ଚିବ । ଉଦ୍‌ଘାଟନୀ ଉତ୍ସବରେ ସାଂସଦ, ବିଧାୟକ, ଜିଲ୍ଲାପାଳଙ୍କ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ଧନୁଯାତ୍ରାର ଶୁଭାରମ୍ଭ ହେବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଶୁଭେଚ୍ଛା ଜଣାଇ କହିଛନ୍ତି, ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚର ଅନନ୍ୟ ପରମ୍ପରା ଏହି ମହୋତ୍ସବକୁ ଦେଶ ବିଦେଶରୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

ପୌରାଣିକ କଥାବସ୍ତୁର  ଜୀବନ୍ତ ଉପସ୍ଥାପନା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବକୁ ଧନୁଯାତ୍ରା ଆହୁରି ପରିପୃଷ୍ଟ କରୁଛି ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

# ଉପଭୋକ୍ତା ଦିବସ

ଉପଭୋକ୍ତାଙ୍କୁ ସେମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ସଚେତନ କରିବା ଲକ୍ଷ୍ୟରେ ଆଜି ଜାତୀୟ ଉପଭୋକ୍ତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **'ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ'** । ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ

କହିଛନ୍ତି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଦ୍ୱାରା ଖାଉଟି ବିପ୍ଳବକୁ ଅଧିକ ଲୋକାଭିମୁଖୀ କରିବା ଏବଂ ଖାଉଟିମାନଙ୍କର ସ୍ୱାର୍ଥକୁ ସୁରକ୍ଷିତ କରିବା ପାଇଁ ସଚେତନ ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ କାର୍ଯ୍ୟକ୍ରମକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରି କହିଛନ୍ତି, ଉତ୍ତମ ଗୁଣବତ୍ତା ଥିବା ସାମଗ୍ରୀକୁ ଉପଭୋକ୍ତାମାନେ ଆଦୃତ କରିଥାନ୍ତି। ପ୍ରତ୍ୟେକ ଉପଭୋକ୍ତା ଶିକ୍ଷା, ସୁରକ୍ଷା, ଶୁଣାଣି ଓ ନ୍ୟାୟର ଅଧିକାରୀ। ସମସ୍ତେ ସଚେତନ ହେବା ସହ ଠକାମୀର ଶିକାର ହେଲେ କୋର୍ଟର ଦ୍ୱାରସ୍ଥ ହେବାକୁ ଶ୍ରୀ ପାତ୍ର ଅନୁରୋଧ କରିଛନ୍ତି।

Rayagada

## ଜଙ୍ଗଲ କ୍ଷୟକ୍ଷତି

ରାୟଗଡ଼ା ଜିଲ୍ଲାରେ ବନାଗ୍ନି ଦ୍ୱାରା ଜଙ୍ଗଲର କ୍ଷୟକ୍ଷତି ରୋକିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ମୁନିଗୁଡ଼ା, ରାୟଗଡ଼ ଏବଂ କଲ୍ୟାଣସିଂହପୁର ବ୍ଲକରେ ଦେଖା ଦେଉଥିବା ବନାଗ୍ନିକୁ ରୋକିବା ପାଇଁ ଜନସଚେତନତା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

Kendrapara

## ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୪ତମ ବାର୍ଷିକ ଉତ୍ସବକୁ ସାଂସଦ ବୈଜୟନ୍ତ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ବିକଶିତ ରାଷ୍ଟ୍ର ଗଠନରେ ଶିକ୍ଷା ବ୍ୟବସ୍ଥା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

Malkangiri

## ଖରିଫ ଧାନ ଉଦ୍‌ଘାଟନ

ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ପରିସରରେ ଆଜି ଚଳିତ ଖରିଫ ବର୍ଷର ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ବ୍ୟବସ୍ଥାକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଛନ୍ତି। ୨୦୨୫-୨୬ ଖରିଫ ବର୍ଷ ପାଇଁ ଯୋଗ୍ୟ ବିବେଚିତ ପଞ୍ଜୀକୃତ ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ୧୦୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

Nabarangpur/V/R/

## ବି.ଭି.– ଜି.ରାମ.ଜି.

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ–ବି.ଭି–ଜି.ରାମ.ଜୀ-୨୦୨୫ ଅଧିନିୟମ' ଗ୍ରାମାଞ୍ଚଳର କୃଷକ ଓ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବ। ଏ

ନେଇ ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକର ସମସ୍ତ ୧୮୯ଟି ପଞ୍ଚାୟତରେ ଆଜି ସ୍ୱତନ୍ତ୍ର ଗ୍ରାମସଭା ଜରିଆରେ ସଚେତନ କରାଯାଇଛି । ନନ୍ଦାହାଣ୍ଡି ବ୍ଲକର ପଡ଼ାଲଗୁଡ଼ା ଗ୍ରାମ ପଞ୍ଚାୟତରେ ମଧ୍ୟ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ବି.ଭି.-ଜି.ରାମ.ଜୀ ଆଇନ ସମ୍ପର୍କରେ ସରପଞ୍ଚ ଫଗୁଣ ନାୟକ ଆକାଶବାଣୀକୁ କହିଛନ୍ତି...

**- V/O –**

Gajapati

## ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ପେକଟ ଗ୍ରାମର ସୁଶ୍ରୀ ଜ୍ୟୋସ୍ନା ଶବର’ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୨୬ ତାରିଖ ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି’ ସୁଶ୍ରୀ ଜ୍ୟୋସ୍ନାଙ୍କୁ ସମ୍ମାନିତ କରିବେ । ଜ୍ୟୋସ୍ନା ଭାରୋତ୍ତୋଳନ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରିଛନ୍ତି ।